# Akashvani, Sambalpur

## SAMBALPURI NEWS EVENING BULLETIN

## 4 April 2025- 7.02 pm- 7.12 pm.

*********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେବିନେଟ୍ କମିଟି ବୈଠକ୍‌ଥି ସମ୍ବଲ୍‌ପୁର୍- ଜରପଡ଼ା ଆର୍ ଝାର୍‌ସୁଗୁଡ଼ା -ଶାସନ୍‌ର ୩ ଆଉ ୪ ନମ୍ବର୍ ରେଲ୍‌ଲାଇନ୍‌କେ ମିଲ୍‌ଲା ମଞ୍ଜୁରୀ ।

୨- ଓ୍ୱାକଫ୍ ସଂଶୋଧନ୍ ବିଲ-୨୦୨୫ (ଉମିଦ୍) ସଂସଦ୍ ନ ପାରିତ୍ ହେବାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀଙ୍କର ପ୍ରଶଂସା ।

୩- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆପଡ଼ା ଜିଲ୍ଲା ଯାଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଦେଲେ ଯୋଗ୍ ।

ଆଉର୍

୪- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପାଲନ୍ କରାଯାଉଛେ ଓଡ଼ିଆଥି ନାମଫଳକ ଲେଖା ଅଭିଯାନ୍ ।

କେନ୍ଦ୍ର କେବିନେଟ୍          ସମ୍ବଲ୍‌ପୁର୍ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଅର୍ଥନୈତିକ୍ ବ୍ୟାପାର୍ କମିଟି ରେଲ୍‌ମନ୍ତ୍ରଣାଳୟର୍ ୪ ଟା

ପ୍ରକଳ୍ପକେ ମଞ୍ଜୁରୀ ମିଳିଛେ । ମଞ୍ଜୁରୀ ମିଳିଥିବା ପ୍ରସ୍ତାବ୍‌ମାନ୍‌କର୍ ଭିତ୍‌ରେ ଓଡ଼ିଶାର୍ ସମ୍ବଲ୍‌ପୁର୍-ଜର୍‌ପଡ଼ା, ଝାର୍‌ସୁଗୁଡ଼ା- ଶାସନର ୩ ଆଉ ୪ ନମ୍ବର୍ ରେଲ୍‌ଲାଇନ୍ ରହିଛେ । ଇ ଦୁହି ପ୍ରକଳ୍ପ ଲାଗି କେନ୍ଦ୍ର ସର୍‌କାର୍ ୫ ହଜାର୍ ଶହେ ୧୪ କୋଟି ଟଙ୍କା ଖର୍ଚ୍ଚା କର୍‌ବେ । ୨୦୩୦-୩୧ ମସିହାତକ୍ କାମ୍ ଶେଷ୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଆଏଜ୍ ମଞ୍ଜୁରୀ ମିଳିଥିବା ପ୍ରସ୍ତାବ୍‌ମାନ୍‌କର୍ ଭିତ୍‌ରେ ମହାରାଷ୍ଟ୍ର, ଓଡ଼ିଶା ଆର୍ ଛତିଶ୍‌ଗଡ୍‌ର ୪ ଟା ରେଲ୍‌ପ୍ରକଳ୍ପ ଲାଗି ୧୮ ହଜାର୍ ୬ ଶହ ୫୮ କୋଟି ଟଙ୍କା ସର୍‌କାର୍ ବ୍ୟୟବରାଦ୍ କରିଛନ୍ ।

ଓଡ଼ିଶାର୍ ଦୁହି ରେଲ୍‌ପ୍ରକଳ୍ପକେ କେନ୍ଦ୍ର ସର୍‌କାର୍ ମଞ୍ଜୁରୀ ଦେଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ୍ ଜନେଇଛନ୍ । ୨ ଶହ ୭୭ କିଲୋମିଟର୍ ଲମ୍ବା ଇ ପ୍ରକଳ୍ପ ତାଲ୍‌ଚେର୍ - ସମ୍ବଲ୍‌ପୁର୍ ଇଲାକା ନ ନୂଆଁ ଆର୍ଥିକ୍ ସୁଯୋଗ୍, ଅଏତ୍‌କା ଯାତ୍ରୀ ଆଉ ଟ୍ରେନ୍ ଚଲାଚଲ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବା । ଆଂଚଲିକ୍ ସଂଯୋଗୀକରଣ୍‌କେ ଉନ୍ନତ୍ କର୍‌ବାର୍ ସହେତେ ଇ ପ୍ରକଳ୍ପ ବିକଶିତ୍ ଓଡ଼ିଶା ଅଭିବୃଦ୍ଧିଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ସଂସଦ୍ ବଜେଟ୍ ଅଧିବେଶନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍‌ର ବଜେଟ୍ ଅଧିବେଶନ୍ ଶେଷ୍ ହେଇଛେ । ଓ୍ୱାକଫ୍ ସଂଶୋଧନ୍ ବିଲ୍-୨୦୨୫ (ଉମିଦ୍) ବୁଧବାର୍ ଦିନ ଲୋକ୍‌ସଭାଥି ପାରିତ୍ ହେବାର୍ ଉତ୍‌ରୁ ବାଚସ୍ପତି ଓମ୍ ବିର୍ଲା ସଦନ୍‌କେ ଅନିର୍ଦ୍ଧିଷ୍ଟ ସମିଆ ଲାଗି ମୁଲ୍‌ତବୀ ରଖିଛନ୍ । ସେଆଡ଼େ ରାଜ୍ୟସଭା ନ ଓ୍ୱାକଫ୍ ବିଲ୍ ବହୁମତ୍ ପାଇକରି ପାରିତ୍ ହେବାର୍ ଉତ୍‌ରୁ ଅଧ୍ୟକ୍ଷ ଜଗ୍‌ଦୀପ୍ ଧନ୍‌ଖଡ଼୍ ଦୁଇ ନମ୍ବର୍ ଖେପ୍ ଅଧିବେଶନ୍‌କେ ମୁଲ୍‌ତବୀ ରଖିଛନ୍ । ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପେ ଓ୍ୱାକଫ୍ ବିଲ, ୧୦ ଟା ସର୍‌କାରୀ ବିଲ୍ ସହେତେ ୧୬ ଟା ଗୁରୁତ୍ୱପୂର୍ଣ୍ଣ ବିଲ୍ ସଂସଦ୍ ନ ଅନୁମୋଦନ୍ ପାଇଛେ ।

ଓ୍ୱାକଫ୍ ବିଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦ୍‌ର ଦୁହି ଗୃହ ନ ଓ୍ୱାକଫ୍ ବିଲ୍-୨୦୨୫ (ଉମିଦ୍) ପାରିତ୍ ହେଇଥିବାର୍ ଲାଗି ପ୍ରଶଂସା କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଓ୍ୱାକଫ୍ ସଂଶୋଧନ୍ ବିଲ୍ ଗୃହିତ୍ ହେବାର୍‌ଟା ସାମାଜିକ୍, ଆର୍ଥିକ୍, ନ୍ୟାୟ, ପାରଦର୍ଶିତା ଆଉ ସମାବେଶୀ ଅଭିବୃଦ୍ଧି ଲାଗି ସାମୂହକ୍ ଚେରେଷ୍ଟାର୍ ଗୁଟେ ଯୁଗାନ୍ତକାରୀ

ମୁହୂର୍ତ । ଓ୍ୱାକଫ୍ ସଂଶୋଧନ୍ ବିଲ୍-୨୦୨୫ ଗଲାକାଏଲ୍ ରାଜ୍ୟସଭା ନ ପାରିତ୍ ହେଇଯାଇଛେ । ଲମ୍ବା ସମିଆ ଧରିକରି ଇତାର୍ ଉପ୍‌ରେ ଆଲୋଚନା ହେଇକରି ଭୋଟ୍ ଗ୍ରହଣ୍ କରାଯାଇଥିଲା । ବିଲ ସପକ୍ଷଥି ଶହେ ୨୮ ଟା ଆଉ ବିପକ୍ଷଥି ୯୫ ଟା ଭୋଟ୍ ମିଳିଥିଲା । ରାଜ୍ୟସଭାଥି ଗୃହିତ୍ ହେବାର୍ ଆଘୋନୁ ଗଲାକାଏଲ୍ ଲୋକ୍‌ସଭା ନ ବିଲ୍ ସପକ୍ଷଥି ୨ ଶହ ୮୮ ଝନ୍ ଆଉ ବିପକ୍ଷଥି ୨ ଶହ ୩୨ ଝନ୍ ସାଂସଦ୍ ମତଦାନ୍ କରିଥିଲେ । ସଂସଦ୍‌ର ଦୁହି ଗୃହ ନ ଅନୁମୋଦନ୍ ପାଏଲା ଉତ୍‌ରୁ ବିଲ୍‌କେ ରାଷ୍ଟ୍ରପତିଙ୍କର୍ ସ୍ୱୀକୃତି ଲାଗି ପଠାଯିବା । ତାର୍ ଉତ୍‌ରୁ ଓ୍ୱାକଫ୍ ସଂଶୋଧନ୍ ବିଲ୍-୨୦୨୫ (ଉମିଦ୍) ଆଇନ୍‌ଥି ପରିଣତ୍ ହେବା ।

ସିବିଏସ୍‌ଇ- ନୂଆଁ ପାଠ୍ୟକ୍ରମ୍        ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼-ସିବିଏସ୍‌ଇ ତର୍‌ଫୁ ଇ ଶିକ୍ଷା ବଛର୍ ୧୦ ଆଉ ୧୨ ଶ୍ରେଣୀର୍ ଲାଗି ନୂଆଁ ପାଠ୍ୟକ୍ରମ୍ ଘୋଷ୍‌ନା କରାଯାଇଛେ । ପାଠ୍ୟକ୍ରମ୍‌ଥି ଦକ୍ଷତା ସମ୍ପନ୍ନ ଶିକ୍ଷା ସୁଯୋଗ୍‌କେ ବ୍ୟାପକ୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ସିବିଏସ୍‌ଇର ୧୦ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ପାଠ୍ୟକ୍ରମ୍‌ଥି କମ୍ପ୍ୟୁଟର୍

ଆପ୍ଲିକେସନ୍ ସୂଚନା ପ୍ରଯୁକ୍ତିବିଦ୍ୟା ନାହେତ କୃତ୍ରିମ ବୁଦ୍ଧିମତା- ଏଆଇ ଭିତ୍ରୁ ଗୁଟେ ବିଷେକେ ବାଧତାମୂଲକ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ- ନୂଆପଡ଼ା           ନୂଆପଡ଼ା ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଇଦିନିଆ ନୂଆପଡ଼ା ଜିଲ୍ଲା ଗସ୍ତଥି ଆସିକରି ମାରାଗୁଡ଼ା ଲୋକ୍‌ମହୋତ୍ସବ୍-୨୦୨୫ ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ମୁଖ୍ୟମନ୍ତ୍ରୀ ଗୁଟେ ରୋଡ୍ ସୋ ଥି ଯୋଗ୍ ଦେଇକରି ଏକତା ଛକ୍‌ଠାନେ ଥିବା ଘାସିରାମ୍ ମାଝୀଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିଛନ୍ । ଜିଲ୍ଲା ନ ଚାଲିଥିବା ମାରାଗୁଡ଼ା ଲୋକ୍‌ମହୋତ୍ସବ୍ ଆଏବା କାଏଲ୍ ଉଦ୍‌ଯାପିତ୍ ହେବା । ସ୍ଥାନୀୟ ମିନି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ନ ଶହେ ୬୦ ଟା ଷ୍ଟଲ୍ ଖୁଲାଯାଇଛେ ।

ଯୁଗ୍ମ ଶୁଣାଣି           ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୭ ତାରିଖ୍ ସୋମ୍‌ବାର୍ ଦିନ ରାଜ୍ୟର୍ ଜିଲ୍ଲାମାନ୍‌କେ ହେବାର୍‌କେ ଥିବାର୍ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ୍ ଶୁଣାଣି ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ ଆଏଜ୍ ସଖାଲର୍ ୧୧

ବଜେନୁ ମୁଲ୍ ହେଇଛେ । ଇଥିର୍‌ଲାଗି ଆଗ୍ରହୀ ଜନସାଧାରଣ୍ ଜନଶୁଣାଣି ପୋର୍ଟାଲ୍ ଜରିଏ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କୁ ସାକ୍ଷାତ୍ କର୍‌ବାର୍ ଲାଗି ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

## ଓଡ଼ିଆ ପକ୍ଷ-ଓଡ଼ିଆଥି ନାମଫଳକ

ନୂଆପଡ଼ା/ଦେବ୍‌ଗଡ଼୍/ହି.ସ/

ସୁବର୍ଣ୍ଣପୁର/ବୌଦ୍ଧ/କଲାହାଣ୍ଡି/ସମ୍ବଲପୁର

ଓଡ଼ିଶାର୍ ସାଂସ୍କୃତିକ୍ ଐତିହ୍ୟକେ ପ୍ରଚାର୍ ପ୍ରସାର୍ କର୍‌ବାର୍ ଲାଗି ଇ ମାସ ୧ ତାରିଖ୍‌ନୁ ମୁଲ୍ ହେଇଥିବା ଓଡ଼ିଆ ପକ୍ଷର୍ ୪ ନମ୍ବର୍ ଦିନେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ 'ଓଡ଼ିଆଥି ନାମଫଳକ୍ ବେଭାର୍ ବାବଦ୍ ଅଭିଯାନ୍' ଦିବସ୍ ପାଲନ୍ କରାଯାଇଛେ । ଇ ଅବ୍‌ସରେ ଭିନ୍ ଭିନ୍ ଜାଗା ନ ପଦଯାତ୍ରା ଭିଲ୍ ହେଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଆଏଜ୍ ସଖାଲ୍‌ବେଲା ଓଡ଼ିଆ ଭାଷାଥି ନାମଫଳକ ଲେଖ୍‌ବାର୍ ଉଦ୍ଦେଶ୍ୟଥି ଗୁଟେ ସଚେତନତା ପଦଯାତ୍ରା ଆୟୋଜନ୍ କରାଯାଇଥିଲା । ପଦଯାତ୍ରା କଚ୍‌ରୀ ଛକ୍‌ନୁ ବାହାରିକରି ପୁର୍‌ନା ମ୍ୟୁନିସିପାଲ୍‌ଟି ଛକ୍‌ତକ୍ ଯାଇଥିଲା । ଯେନ୍‌ଥି ସବୁ ବାଣିଜ୍ୟ

ପ୍ରତିଷ୍ଠାନ୍ ଆଉ ଦୁକାନ୍‌ମାନ୍‌କୁ ଓଡ଼ିଆଥି ନାମଫଳକ ଲଗାବାର୍ ଲାଗି ଉତ୍ସାହିତ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ବିଜ୍ଞପିତ୍ ଅଂଚଲ୍ ପରିଷଦ୍ ଆଉ ଜିଲ୍ଲା ଶ୍ରମ ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ଇ ଅବ୍‌ସରେ ଆୟୋଜିତ୍ ଶୋଭାଯାତ୍ରା ସହର୍ ପରିକ୍ରମା କରିଛେ । ସବୁ ଦୁକାନ୍ ବଜାର୍ ବାଣିଜ୍ୟ ପ୍ରତିଷ୍ଠାନ୍ ସର୍‌କାରୀ ଆଉ ବେସର୍‌କାରୀ ଅନୁଷ୍ଠାନ୍ ମାନ୍‌କେ ଓଡ଼ିଆ ଭାଷାଥି ନାମଫଳକ ଲଗାବାର୍ ଲାଗି ବାର୍ତା ଦିଆଯାଇଛେ ।

ବଲାଙ୍ଗିର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଇ ଅବ୍‌ସରେ ଆଏଜ୍ ସଚେତନତା ପଦଯାତ୍ରା ହେଇଯାଇଛେ । ଇ ଶୋଭାଯାତ୍ରା ଜିଲ୍ଲା ସଦର୍ ମହକୁମା ନ ଥିବା ଡିଭିଜନାଲ୍ ଶ୍ରମ ଆୟୁକ୍ତଙ୍କର୍ ଅଫିସ୍‌ନୁ ବାହାରିଥିଲା । ଇ ପଦଯାତ୍ରା ଜରିଏ ଦୁକାନ୍ ବଜାର୍, ଶିଳ୍ପାନୁଷ୍ଠାନ୍, ଶିକ୍ଷାନୁଷ୍ଠାନ୍, ବାଣିଜ୍ୟ ପ୍ରତିଷ୍ଠାନ୍ ମାନ୍‌କେ ଓଡ଼ିଆଥି ନାମଫଳକ୍ ଲଗାବାର୍ ଲାଗି ପ୍ରଶାସନ୍ ତର୍‌ଫୁ ଉତ୍ସାହିତ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ସୋନ୍‌ପୁର୍ ପୌର ପରିଷଦ୍, ବିନ୍‌କା ଆର୍ ତର୍‌ଭା ବିଜ୍ଞପିତ୍ ଅଂଚଲ୍ ନ ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଶ୍ରମ ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ଇ ଦିବସ୍ ଅବ୍‌ସରେ ଦୁକାନ୍ ଆଉ ବାଣିଜ୍ୟ ପ୍ରତିଷ୍ଠାନ୍ ମାନ୍‌କେ ଓଡ଼ିଆ ଭାଷାଥି ନାମଫଳକ ଲଗାବାର୍‌ଟା ସୁନିଶ୍ଚିତ୍ କର୍‌ବାର୍ ଲାଗି ଗୁଟେ ସଚେତନତା ପଦଯାତ୍ରା କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ଶ୍ରମବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଓଡ଼ିଆଥି ନାମଫଳକ ଅଭିଯାନ୍ ସଚେତନତା ପଦଯାତ୍ରା ହେଇଯାଇଛେ । ପୁରୁଣା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟନୁ ବାହାରିଥିବା ସଚେତନତା ରଥ ଆଉ ଛାତ୍ରଛାତ୍ରୀଙ୍କର୍ ଶୋଭାଯାତ୍ରାକେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଶୁଭାରମ୍ଭ କରିଥିଲେ ।

ବୌଦ୍ଧ ଜିଲ୍ଲା ନ ଭିଲ୍ ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ଜିଲ୍ଲା ପ୍ରଶାସନ୍ ଆଉ ଶ୍ରମ ବିଭାଗ୍ ତର୍‌ଫୁ ଓଡ଼ିଆ ନାମଫଳକ ଅଭିଯାନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ସହରର୍ ଦୁକାନୀମାନ୍‌କର୍ ଭିତ୍‌ରେ ଓଡ଼ିଆଥି ନାମଫଳକ୍ ବେଭାର୍ ଲାଗି ସଚେତନତା ସୃଷ୍ଟି କରାଯାଇଥିଲା । ଇ ଅବ୍‌ସରେ ଜିଲ୍ଲାପାଲ୍, ଅତିରିକ୍ତ ଜିଲ୍ଲାପାଲ୍ ଆର୍ ପ୍ରଶାସନିକ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

କଲାହାଣ୍ଡି ଜିଲ୍ଲା ଶ୍ରମ ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍ ମିଳିତ୍ ସହଯୋଗ୍‌ଥି ଓଡ଼ିଆ ପକ୍ଷ ପାଳନ୍ ଅବ୍‌ସରେ ଗୁଟେ ସଚେତନତା ପଦଯାତ୍ରାକେ ଜିଲ୍ଲାପାଲ୍ ସଚିନ୍ ପାୱାର ପ୍ରକାଶ୍ ଆଉ ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ ଦର୍‌ୱାନ୍ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ । ସଚେତନତା ରଥ ସହର୍ ବୁଲିକରି ଓଡ଼ିଆ ଭାଷାଥି ନାମଫଳକ ଲଗାବାର୍ ଲାଗି ଉତ୍ସାହିତ୍ କରିଥିଲା ।

ଓଡ଼ିଆ ପକ୍ଷ- ୱେବ୍‌ସାଇଟ୍ I&PR

ରାଏଜେ ଓଡ଼ିଆ ପକ୍ଷ ପାଲନ୍‌କେ ନେଇକରି ଗୁଟେ ଖାସ୍ ୱେବ୍‌ସାଇଟ୍ ମୁଲ୍ କରାଯାଇଛେ । ୱେବ୍‌ସାଇଟ୍‌ଥି ଓଡ଼ିଆ ପକ୍ଷ ପାଲନ୍ ବାବଦ୍ ସବୁ ତଥ୍ୟ ସହେତେ କ୍ୱିଜ୍ ରଖାଯାଇଛେ । ଇଥି ଓଡ଼ିଶାର୍ ବରପୁତ୍ର ଆଉ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଆର୍ ପରମ୍ପରା ବାବ୍‌ଦେ ପ୍ରଶ୍ନ ମାନ୍ ରହିଛେ । କ୍ୱିଜ୍‌ଥି ଭାଗ୍ ନେଉଥିବା ସବୁ ପ୍ରତିଯୋଗୀମାନ୍‌କୁ ଡିଜିଟାଲ୍ ପ୍ରମାଣ୍‌ପତ୍ର ଦିଆଯାଉଛେ । ଇତାର୍‌ସହେତେ ନିଜର୍ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ଲକ୍ ଆଉ ଜିଲ୍ଲାମାନ୍‌କେ ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ହେଉଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେଇକରି ନିଜର୍ ସେଲ୍‌ଫି ଭିଲ୍ ୱେବ୍‌ସାଇଟ୍ ଅପ୍‌ଲୋଡ୍ କରାଯାଇପାରୁଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ୧ ତାରିଖ୍‌ନୁ ମୁଲ୍ ହେଇଥିବା ଓଡ଼ିଆ ପକ୍ଷ ଆଏବା ୧୪ ତାରିଖ୍‌ତକ୍ ପାଲନ୍ କରାଯିବା ।

ମାଇ ବାଛୁରୀ ଯୋଜ୍‌ନା-ମୁଖ୍ୟମନ୍ତ୍ରୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ହର୍‌ଭଙ୍ଗା ବ୍ଲକ୍ ଛାର୍‌ଛକ୍ ଠାନେ ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନାର୍ ଶୁଭାରମ୍ଭ ହେଇଛେ । ଓଡ଼ିଶା ସିଟି ଆଉ ଜିଏସ୍‌ଟି କମିଶନର୍ ଜାମିନୀ ଷଡ଼ଙ୍ଗୀ ୨ ଦିନିଆ ବୌଦ୍ଧ

ଜିଲ୍ଲା ଗସ୍ତଥି ଯାଇକରି ଇତାକେ ଶୁଭାରମ୍ଭ କରିଛନ୍ । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍ନାଥି ମାଇ ବାଛୁରୀ ଯୋଜ୍ନାର୍ ଶୁଭାରମ୍ଭ କରିଛନ୍ । ଇତାର୍ ସହେତେ ବାଛୁରୀ ଦାନା ବାଂଟ୍ବାର୍ କାର୍ଯ୍ୟକ୍ରମ୍କେ ଭିଲ୍ ଶ୍ରୀମତୀ ଷଡ଼ଙ୍ଗୀ ମୁଲ୍ କରିଛନ୍ । କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଭିଲ୍ ଉପସ୍ଥିତ୍ ଥିଲେ

## ସିନିୟର୍ ଜାତୀୟ ବଡ଼ିବିଲ୍ଡିଂ

ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ପିଏଚ୍ଡ଼ି ପଡ଼ିଆଠାନେ ଆଏବା ୬ ତାରିଖ୍ ଦିନ ୧୮ ନମ୍ବର୍ ସିନିୟର୍ ଜାତୀୟ ବଡ଼ିବିଲ୍ଡିଂ ଆର୍ ଫିଟ୍ନେସ୍ ଚମ୍ପିଆନ୍ସିପ୍ - ମିଷ୍ଟର୍ ଆଉ ମିସ୍ ଇଣ୍ଡିଆ ପ୍ରତିଯୋଗିତା ଆୟୋଜିତ୍ ହେବା । ଇ ପ୍ରତିଯୋଗିତାଥି ଦେଶର୍ ୨୨ ଟା ରାଜ୍ୟନୁ ୫ ଶହ ନୁ ଅଏତ୍କା ପ୍ରତିଯୋଗୀ ଭାଗ୍ ନେବେ । ଇଥି ମୋଟ୍ ୧୯ ଟା ବିଭାଗ୍ଥି ଭିନ୍ ଭିନ୍ ପ୍ରତିଯୋଗିତା ହେବା ।

## ଜାତୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତା

ଆର୍ଏନ୍ୟୁ/ କଟକ୍

ଉତର୍ ପ୍ରଦେଶ୍‌ର ଝାନ୍‌ସି ଠାନେ ଥିବା ମେଜର୍ ଧ୍ୟାନ୍‌ଚାନ୍ଦ୍ ହକି ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ଆଏବା ୧୫ ତାରିଖ୍‌ତକ୍ ଜାତୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତା ହେବା । ଓଡ଼ିଶା ଦଲ୍ ୮ ତାରିଖ୍ ଦିନ ମଧ୍ୟପ୍ରଦେଶ୍ ସାଙ୍ଗେ ଖେଲିକରି ଅଭିଯାନ୍ ମୁଲ୍ କର୍‌ବା । ଡିଭିଜନ୍ -ଏ ଥି ଥିବା ଗଲା ସଂସ୍କରଣ୍‌ର ବିଜେତା ଓଡ଼ିଶା ଦଲ୍ ଆଉ ଉପବିଜେତା ହରିଆଣା ଦଲ୍ ସହେତେ ୧୨ ଟା ଦଲ୍ ରହିଛନ୍ । ଇ ୧୨ ଟା ଦଲ୍‌କେ ୪ ଟା ପୁଲ୍‌ଥି ଭାଗ୍ କରାଯାଇଛେ । ପୁଲ୍-ଏ ଥି ଓଡ଼ିଶା ପଞ୍ଜାବ୍ ଆର୍ ମଧ୍ୟପ୍ରଦେଶ୍ ରହିଥିବାର୍ ବେଲେ ପୁଲ୍-ବିଥି ହରିଆଣା ମହାରାଷ୍ଟ୍ର ଆର୍ ଝାଡ଼ଖଣ୍ଡ, ପୁଲ୍-ସି ଉତର୍‌ପ୍ରଦେଶ୍, ତାମିଲନାଡୁ, ବେଙ୍ଗଲ୍ ଆର୍ ପୁଲ୍-ଡିଥି ମଣିପୁର୍, କର୍ଣ୍ଣାଟକ୍ ଆର୍ ପୁଡୁଚେରୀ ଦଲ୍ ରହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ୬ ତାରିଖ୍‌ତକ୍ କାଲ୍‌ବୈଶାଖୀର୍ ପ୍ରଭାବ୍ ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ତାର୍ ଉତ୍‌ରୁ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା । ଆଏଜ୍ ରାଜ୍ୟର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ସାମାଏନ୍ ବର୍ଷା ହେବାର୍ ସାଙ୍ଗେ ୪୦ ନୁ ୫୦ କିଲୋମିଟର୍ ବେଗଥି ପବନ୍ ବୁହିପାରେ ବଲି ବିଭାଗ୍ ତର୍‌ଫୁ

କୁହାଯାଇଛେ । କାଲ୍‌ବୈଶାଖୀର୍ ଲାଗି ରାଜ୍ୟର୍ ପାଖାପାଖ୍ରି ସବୁ ଜାଗା ନ ତାପମାତ୍ରା ୩୭ ଡିଗ୍ରୀ ନୁ କମ୍ ରହିଥିଲା ।